


# ମହିଳା ସଶକ୍ତିକରଣରେ କୃଷି ଜୀବିକାର ସଂଯୋଗ

ପ୍ରାଚୀନ ମଣିଷ ସଭ୍ୟତାର ଇତିହାସକୁ ଅନୁଧ୍ୟାନ କଲେ ଜଣାଯାଏ ଯେ, କୃଷିକାର୍ଯ୍ୟ ପ୍ରଥମେ ମହିଳାଙ୍କ ଦ୍ୱାରା ଆରମ୍ଭ ହୋଇଥିଲା। କେଉଁ ପ୍ରାଚୀନ କାଳରୁ ମହିଳାମାନେ କୃଷିକାର୍ଯ୍ୟକୁ ପ୍ରତ୍ୟେକ୍ଷ ଓ ପରୋକ୍ଷ ଭାବେ ସୁଚାରୁ ରୂପେ ନର୍ବାହନ କରି ଆସୁଛନ୍ତି। ଆମ ଦେଶର ଅର୍ଥନୀତି କୃଷି ଭିତ୍ତିକ ହୋଇଥିବାରୁ ମହିଳାମାନଙ୍କ ଦ୍ୱାରା ଗ୍ରାମିଣ ଭାରତରେ ବିଶେଷ କରି କୃଷିରେ ଅତୁଳନୀୟ ଯୋଗଦାନ ରହିଛି। ଅଧ୍ୟୟନରୁ ଜଣାପଡ଼ିଛି ଯେ ଜଣେ କୃଷି ମହିଳା ଦୈନିକ ହାରାହାରି ୮ ଘଣ୍ଟା ସମୟ କୃଷି କାମରେ ନେଇଥାନ୍ତି। ସେମାନେ କୃଷିରେ ତଳିଘେରା ପ୍ରସ୍ତୁତି, ବିହନ ଲଗେଇବା, ରୋପଣ କରିବା, ଘାସ ନିୟନ୍ତ୍ରଣ କରିବା। ଅନ୍ତଃଚାଷ, ସାର ପ୍ରୟୋଗ, ଫସଲ ସୁରକ୍ଷା, କୀଟନାଶକ ପ୍ରୟୋଗ, ଜଳ ପରିଚାଳନା ଓ ଅମଳ ଆଦିକାର୍ଯ୍ୟ ନିର୍ବାହ କରିଥାନ୍ତି। କୃଷି ପ୍ରକ୍ରିୟା କରଣରେ ମୁଖ୍ୟ ରୂପେ ପରିଷ୍କାର କରିବା, ବାଛିବା, ଶୁଖେଇବା, ଧାନ ଉଁଷେଇବା, ପେଷିବା, କୁଟିବା ଏବଂ ସୁରକ୍ଷିତ ରଖିବା ଆଦି କାର୍ଯ୍ୟ କରିଥାନ୍ତି। କୃଷି ମହିଳା ବ୍ୟବସାୟିକ କୃଷିରେ ଚା, କଫି, ଧୂଆଁ ପତ୍ର ଆଦି ରୋପଣ. କାର୍ଯ୍ୟ କରିଥାନ୍ତି। ବିଡ଼ି ତିଆରି, ଝୋଟ ବାହାର କରିବା, ଲାଖଚାଷ ଏବଂ ଲାଖରୁ ତିଆରି ବିଭିନ୍ନ ବସ୍ତୁ ପ୍ରସ୍ତୁତ, କପାଷ ଭିଣିବା, ଆଖୁ ସଫା କରିବା, ବାଦାମ ଆଦି ଫଳରୁ ଚୋପା ବାହାର କରିବା, ମସଲା ପେଷିବା ଆଦି ଅନେକ କାର୍ଯ୍ୟ ସେମାନଙ୍କ, ଦ୍ୱାରା ମୁଖ୍ୟତଃ କରାଯାଇଥାଏ। ଗୃହ ପରିଚାଳନା ଭଳି ଜଞ୍ଜାଳ, ବହୁତ ଦୂରରୁ ମୁଣ୍ଡରେ ବୋହି ପାନୀୟ ଜଳ ସଂଗ୍ରହ, ଜଙ୍ଗଲରୁ ଜାଳେଣି କାଠ ସଂଗ୍ରହ, ଖାଦ୍ୟ ଇନ୍ଧନ, ରନ୍ଧା ବଢା, ପରିବାରରେ ଶିଶୁମାନଙ୍କ ଲାଳନ ପାଳନ, ବୟୋଜ୍ୟେଷ୍ଠଙ୍କ ସେବା ଆଦି କଷ୍ଟ ସାପେକ୍ଷ କାର୍ଯ୍ୟ ମହିଳାମାନେ କରିଥାନ୍ତି।

କୃଷିରେ ମହିଳାଙ୍କ ଅବଦାନ ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ ହୋଇଥିଲେ ମଧ ସେମାନଙ୍କ ପ୍ରତି ପକ୍ଷପାତିତା ହେଉଅଛି। ଆମ ପୁରୁଷ କେନ୍ଦ୍ରୀୟ ସମାଜରେ ଅନେକ ଲିଙ୍ଗଭିତ୍ତୀୟ ପ୍ରଭେଦ ତଥା ବିଭିନ୍ନ ସାମାଜିକ କୁସଂସ୍କାର ରହିଥାଏ ଛୁଆଁ ଛୁତି ଉଚ୍ଚନୀଚ ଆଦି ସଂକୀର୍ଣ୍ଣ ମନୋଭାବ ଏବେ ବି ଆମ ସମାଜରେ ଦେଖିବାକୁ ମିଳୁଛି। 'ଝିଅ ଜନମ ପରଘରକୁ', 'ଗାଁ କନିଆ ସିଂଘାଣି ନାକି', 'ଝିଅ ଜନମ ଚୁଲି ମୁଣ୍ଡକୁ'। 'ଝିଅଙ୍କର ଜାତି ନାହିଁ', 'ଝିଅ ମାଟି ହାଣ୍ଡି', 'ଝିଅ ଘିଅ' ଆଦି ଅନେକ ରୁଢି ଏବେବି ଆମ ରକ୍ଷଣଶୀଳ ସମାଜରେ ଗାଁ ଗଣ୍ଡା ତଥା ସହରରେ ଶୁଣିବାକୁ ମିଳୁଛି। ଏହି ପାତର ଅନ୍ତର ନୀତି ଦ୍ୱାରା ମହିଳାମାନେ ଶିକ୍ଷା, ସ୍ୱାସ୍ଥ୍ୟ, ଖାଦ୍ୟ ଦୈନିକ ମଜୁରୀ ଓ ରୋଜଗାରରୁ ନିଜର ସମାନ ଅଧିକାର ପାଇପାରୁ ନାହାନ୍ତି।





ତେଣୁ ସେମାନେ ନିରିକ୍ଷର ଶାରିରୀକ ଦୁର୍ବଳ ଓ ବିଭିନ୍ନ ରୋଗଦ୍ୱାରା ପିଡ଼ିତ ହେଉଛନ୍ତି ଫଳରେ ଆତ୍ମ ନିର୍ଭରଶୀଳ ହୋଇନ ପାରି ବେରୋଜଗାର ରହିବା ସହିତ ଭବିଷ୍ୟତ ନିଷ୍ପତିକୁ ବିଚାରକୁ ନେଇ ପାରୁନାହାନ୍ତି। ଅଳ୍ପ ଶିକ୍ଷା ଏବଂ ଜ୍ଞାନ କୌଶଳର ଅଭାବ କୃଷି ମହିଳାଙ୍କର ସାମାଜିକ ତଥା ଆର୍ଥିକ ବିଡ଼ାମ୍ବନାର ମୂଳ ଉତ୍ସ ଭାବେ ପରିଲିଖିତ ହୋଇଛି। ଦୃତ ଗତିରେ ଜନସଂଖ୍ୟା ବୃଦ୍ଧି ସହରି କରଣ ତଥା ପୁରୁଷ ଗ୍ରାମାଞ୍ଚଳରୁ ସହରକୁ ଚାଲି ଆସିବା (male migration) ଦ୍ୱାରା ମହିଳାଙ୍କ ଉପରେ କୃଷି ଚାପ, ଜଳ, କୃଷି ଜୈବ ବିଭିଧତା, ଜାଳେଣି କାଠର ଅଭାବ ଏବଂ ପ୍ରାକୃତିକ ଦୁର୍ବିପାକ ସହିତ ଜଳବାୟୁ ପରିବର୍ତ୍ତନ ଇତ୍ୟାଦି ମହିଳାଙ୍କ କୃଷି କାର୍ଯ୍ୟରେ ବାଧକ ସାଜିଛି। ନୂଆ ବୈଶୟିକ ଜ୍ଞାନ କୌଶଳ, ବଜାର ଏବଂ କଣ୍ଟ୍ରାକ୍ଟ




ଫାର୍ମିଙ୍ଗ (Contact farming) ଆଦି ସୁବିଧା ସୁଯୋଗର ମହିଳାମାନେ ବଞ୍ଚିତ ହେଉଛନ୍ତି। କୃଷିରେ ମହିଳାମାନଙ୍କ ପ୍ରତି ପରିଲିକ୍ଷିତ କେତୋଟି ଉଦାହରଣ ହେଲା:

➤ କୃଷି ମହିଳାମାନେ ପାରମ୍ପରିକ ଧାରାରେ କୃଷି କରିଥାନ୍ତି। ଯାହା ଶାରୀରିକ କଷ୍ଟ ସାପେକ୍ଷ ହୋଇଥାଏ। ରୋପଣ ବେଳେ ବାରମ୍ବାର ଅଣ୍ଟା ନୁଆଇ କାର୍ଯ୍ୟ କରିବା ଠାରୁ ଆରମ୍ଭକରି, ବାଡ଼େଇ, ପିଟି, କୁଟି ଫସଲ ଅମଳ ପରବର୍ତ୍ତି ଆଦି କାର୍ଯ୍ୟ କରିବା ଦ୍ୱାରା ଶାରୀରିକ କଷ୍ଟ ଭୋଗିଥାନ୍ତି। ବହୁଦିନରୁ ଭାରତୀୟ କୃଷିରେ ପରିଲିଖିତ ହୁଏଯେ ଯେଉଁ ସବୁ ପାରମ୍ପରିକ ଏବଂ ଆଧୁନିକ କୃଷି ଯନ୍ତ୍ରପାତି ବ୍ୟବହାର ହେଉଅଛି ତାହା ପୁରୁଷମାନଙ୍କ ପାଇଁ ଉଦ୍ଦିଷ୍ଟ କରାଯାଇଛି। ଯାହା ତା ଶରୀରର ଉଚ୍ଚତା, ବାହୁରଲମ୍ବ ଏବଂ ବଳକୁ ଆଖି ଆଗରେ ରଖି ତିଆରି କରାଯାଇଛି। ମହିଳା ମାନେ ସେମାନଙ୍କ ଉପଯୋଗୀ କୌଣସି କୃଷି ଯନ୍ତ୍ରପାତି ନ ପାଇ ପୁରୁଷଙ୍କ ଉଦ୍ଦିଷ୍ଟ ଯନ୍ତ୍ର ଉପକରଣ ବ୍ୟବହାର କରିବା ଦ୍ୱାରା ଶାରୀରିକ ଶ୍ରମ ମାଂସ-ପେଷୀୟ ଅସୁବିଧା ଭୋଗ କରିଥାନ୍ତି। ଫଳରେ ସେମାନଙ୍କର କାର୍ଯ୍ୟଦକ୍ଷତା ହ୍ରାସ ପାଇଥାଏ।

➤ ପ୍ରାୟ ସବୁଧର୍ମ ଏବଂ ଜାତିରେ ଦେଖାଯାଏ ଯେ ନିଜ ପରିବାରର ସମ୍ପତ୍ତି ଉପରେ ମହିଳାଙ୍କର ଅଧିକାର ନଥାଏ। ଜମିଜମା ମାଲିକାନା ପୁରୁଷମାନଙ୍କ ହାତରେ ରହିଥାଏ। ଗ୍ରାମ୍ୟ ଅଞ୍ଚଳରେ ଜମି ବାଡ଼ି ମୁଖ୍ୟ ସମ୍ପତ୍ତି ଭାବେ ବିବେଚିତ ହେଉଥିଲେ ମଧ୍ୟ ଏହି ଜମି ଏବଂ ଅନ୍ୟାନ୍ୟ ମୂଲ୍ୟବାନ ବସ୍ତୁକୁ ମହିଳାଙ୍କ ଠାରୁ ଦୂରେଇ ରଖାଯାଏ। ଏହା ମହିଳାଙ୍କର ନିଜ ଜନ୍ମିତ ପରିବାରରେ ତଥା ବିବାହପରେ ଶ୍ୱଶୁର ଘରେ ମଧ୍ୟ ଏହି ପ୍ରଥା ବଜାୟ ରହେ। ଆଇନ ଗତ ଅଧିକାର ଏବଂ ଦଲିଲ ପ୍ରମାଣ

# କୃଷି ଜୀବିକାର ସଂଯୋଗ



ପତ୍ର ନଥିବାରୁ ବିଭିନ୍ନ ପ୍ରକାର ସରକାରୀ ସେବା ଏବଂ ସରକାରଙ୍କର ଦ୍ୱାରା ପରିଚାଳିତ ବିଭିନ୍ନ ଦାରିଦ୍ର୍ୟ ଦୂରିକରଣ ଯୋଜନାରୁ ସେମାନେ ବଞ୍ଚିତ ରହିଥାନ୍ତି। ଏପରିକି ବିଭିନ୍ନ ସଂସ୍ଥାଗତ ସୁବିଧା, ବ୍ୟାଙ୍କ ଋଣ, ରିହାତି, ବୀମା ଏବଂ ସ୍ୱନିଯୁକ୍ତି ଆଦି ସୁଯୋଗ ପାଇନଥାନ୍ତି। ଆନୈାପଚାରିକ ଭାବରେ ସମାଜରେ ଜମିଭାଗ ବ୍ୟବସ୍ଥା ଭାଇମାନଙ୍କ ମଧ୍ୟରେ ରହିଅଛି। କିନ୍ତୁ ଏହି ଜମିର ଭାଗ ଅଂଶ ଭଉଣୀମାନଙ୍କ କ୍ଷେତ୍ରରେ ଅଣଦେଖା କରାଯାଇଥାଏ। ସାମାଜିକ ମାନଦଣ୍ଡ ଏବଂ ପରମ୍ପରା ପିତୃକେନ୍ଦ୍ରୀୟ ହୋଇଥିବାରୁ ସମାଜରେ ମହିଳାଙ୍କ ଜମି ଏବଂ ସମ୍ପତ୍ତି ଅଧିକାରକୁ ଘୋର ବିରୋଧ ଦେଖିବାକୁ ମିଳେ। ମହିଳାଙ୍କ ବିଭାହ ପରେ ନିଜ ଜନ୍ମିତ ପରିବାର ସହିତ ସୁସମ୍ପର୍କ ବଜାୟ ରଖିବାକୁ ହେଲେ ନିଜ ଜମି ଏବଂ ସମ୍ପତ୍ତି ଅଧିକାରକୁ କେବେହେଲେ ଦାବି ନ କରିବାର ସାମାଜିକ କାରଣ ପରିଲକ୍ଷିତ ହୁଏ।

➤ କୃଷି ମହିଳା ଶ୍ରମିକ ରୂପେ କରୁଥିବା କାର୍ଯ୍ୟକୁ ଅଣକୁଶଳୀ ଏବଂ ମୂଲଚାଲ କରାଯାଇଥାଏ। ପୁରୁଷମାନଙ୍କ ଠାରୁ ପ୍ରାୟ ୪୦ ପ୍ରତିଶତ କମ୍ ମଜୁରୀ ପାଇଥାନ୍ତି ଜଦିଓ ଏକା କାମକୁ ଏକ ସମୟରେ ଉଭୟ କରିଥାନ୍ତି।

➤ କୃଷି ମହିଳା ନିଜ ପରିବାର ପାଇଁ କରୁଥିବା କାର୍ଯ୍ୟକୁ ଅଣଦେଖା କରାଯାଇଥାଏ ଏବଂ ତା'ର ଭାଗୀଦାରୀକୁ କୌଣସି ମହତ୍ତ୍ୱ ଦିଆଯାଇନଥାଏ। ଘର କାର୍ଯ୍ୟ ସହିତ ଗୃହପାଳିତ ପଶୁପାଳନ, ବାଡ଼ିବଗିଚାରେ ପନିପରିବା ଚାଷ, ମହୁଚାଷ, ଇତ୍ୟାଦିରେ ପ୍ରତିଦିନ ବହୁତ ସମୟ ଦେଉଥିଲେ ମଧ୍ୟ ଉପାର୍ଜିତ ଧନ ଅଧିକାରୀ ପରିବାରର ପୁରୁଷ ମୁଖ୍ୟତଃ ହୋଇଥାଏ। କୃଷି ବୈଶୟିକ ଜ୍ଞାନ କୌଶଳ, ବିଭିନ୍ନ ଯୋଜନା ପ୍ରସ୍ତୁତି, କୃଷି ସଂମ୍ପ୍ରସାରଣ ସେବା, ତାଲିମ ମାଧ୍ୟମରେ ଦକ୍ଷତା ବୃଦ୍ଧି, ଏବଂ ନିଷ୍ପତ୍ତି ଦେବା ଆଦି କ୍ଷେତ୍ରରେ ମହିଳାଙ୍କୁ ସାମିଲି କରିବା ପାଇଁ ବିଚାରକୁ ଦିଆଯାଇନଥାଏ। ଦେଖାଯାଏ ଯେ, କେବଳ ପୁରୁଷମାନେ ହିଁ ଏ ସବୁ ଦିଗରେ ଆଶାନୁରୂପକ ଉପକୃତ ହୋଇଥାନ୍ତି।

➤ କୃଷି ସମ୍ପ୍ରସାରଣ ସେବା ପ୍ରଦାନ କରୁଥିବା ପୁରୁଷ ସମ୍ପ୍ରସାରଣ କର୍ମୀ ଲିଙ୍ଗଭିତ୍ତିକ ସମ୍ବେଦନଶୀଳତାରେ ସଚେତନତା ଅଭାବରୁ କୃଷି ବୈଶୟିକ ଜ୍ଞାନ କୌଶଳ ମହିଳାଙ୍କ ପର୍ଯ୍ୟନ୍ତ ପହଞ୍ଚାଇ ନପାରି କେବଳ ପୁରୁଷମାନଙ୍କ ମଧ୍ୟରେ ସୀମିତ ରଖିଥାଆନ୍ତି। ଫଳରେ କୃଷି ଭିତ୍ତିକ ଜ୍ଞାନ କୌଶଳ ପୁରୁଷ କେନ୍ଦ୍ରୀୟ ହୋଇ ରହିଛି।

➤ ପୁରୁଷଙ୍କ ପାଇଁ ଉଦ୍ଦିଷ୍ଟ ବୈଶୟିକ ଜ୍ଞାନ କୌଶଳ ଏବଂ ଏହାର ବ୍ୟବସାୟୀ କରଣ ଦ୍ୱାରା, ପାରମ୍ପାରିକ ବିଧିର ଚାଷ କରି ଆସୁଥିବା ମହିଳାଙ୍କୁ କାମ ମିଳିବାର ସୁଯୋଗ ରହୁନାହିଁ। ଉଦାହରଣ ସ୍ୱରୂପ ଟିଲର ସ୍ପ୍ରେୟର, ତଳିରୋପଣ ଯନ୍ତ୍ର, ଧାନକଟା ଯନ୍ତ୍ର ଇତ୍ୟାଦିର ସୁବିଧା ପୁରୁଷମାନେ ନେଇପାରୁଥିବା ବେଳେ, ମହିଳାମାନେ କାମ ନ ପାଇପାରି ନିଜ ଜୀବିକା ଉପାର୍ଜନ ପାଇଁ ଅସମର୍ଥ ହେଉଛନ୍ତି।

➤ କୃଷି କ୍ଷେତ୍ରରେ ବିନିଯୋଗ କରୁଥିବା ଅର୍ଥ ଏବଂ ମିଳୁଥିବା କୃଷି ସୂଚନାର ସୁବିଧା ପୁରୁଷ କେନ୍ଦ୍ରୀୟ ହୋଇଆସିଛି। ମହିଳାମାନେ ଠିକ୍ ସମୟରେ ଶ୍ରମିକ, ବିହନ, ସାର, ରୋଗପୋକ ନାସକ ଔଷଧ, ଜଳ ତଦାରଖ, ଉପଦେଶ, ଯାନ୍ତ୍ରିକ ଉପରକରିତା ଆଦି ପାଇ ପାରୁନାହାଁନ୍ତି। କୃଷି ସଂମ୍ପ୍ରସାରଣ ବ୍ୟବସ୍ଥା ମହିଳାଙ୍କ ପ୍ରତି ଦୃଷ୍ଟି ଗୋଚର କରିନଥାଏ।

➤ ବିଭିନ୍ନ ଋଣ ଯୋଗାଣ ସଂସ୍ଥାର ସର୍ତ୍ତ ଏବଂ ବ୍ୟବସ୍ଥା ଫସଲର ବିପଦ କାଳୀନ ପରିସ୍ଥିତିରେ କୃଷି ମହିଳାଙ୍କ ପ୍ରତି ସୁହାଇନଥାଏ ବା ମହିଳାଙ୍କ ପ୍ରତି ସମ୍ବେଦନଶୀଳ ହୋଇନଥାଏ । ବିଭିନ୍ନ ପ୍ରକାର ସ୍ଥିତି ଏବଂ ଅବ୍ୟବସ୍ଥା ହେତୁ ମହିଳାମାନେ କୃଷି ଋଣ ରିହାତି, ଫସଲ ବୀମା, ସ୍ୱନିଯୁକ୍ତିରୁ ବହୁତ ଦୂରରେ ରହିଛନ୍ତି।

➤ କୃଷି କ୍ଷେତ୍ରରେ ବିନିଯୋଗ କରୁଥିବା ବିଭିନ୍ନ ସାମଗ୍ରୀ ବଜାରରୁ କ୍ରୟ କରିବା ଏବଂ ଅମଳକୁ ବଜାରରେ ବିକ୍ରିବଟା କରିବା ଆଦି

# କୃଷି ଜୀବିକାର ସଂଯୋଗ

କାର୍ଯ୍ୟ ପୁରୁଷ ଉଦ୍ଦିଷ୍ଟ ହୋଇଆସିଛି । ଫଳରେ ଅର୍ଥର ପରିଚାଳନା ପୁରୁଷ ହାତରେ ରହିଥାଏ । ଅନୁଧ୍ୟାନରୁ ଦେଖାଯାଏ ଯେ ବଜାର ବ୍ୟବସ୍ଥାରେ ମହିଳାଙ୍କ ଭାଗିଦାରୀ ପ୍ରାୟ ନାହିଁ ।

➤ ସ୍ୱଚ୍ଛ ରୋଜଗାର କ୍ଷମ ପରିବାର ଖାଦ୍ୟ ଉତ୍ପାଦନ ପାଇଁ ପ୍ରାୟ ମହିଳାଙ୍କ ଉପରେ ନିର୍ଭର ଥାଏ । ମାତ୍ର ଅର୍ଥ ଏବଂ ଖାଦ୍ୟ ଅଭାବ ଯୋଗୁଁ ମହିଳାମାନେ କୁପୋଷଣ ଓ ରୋଗିଣା ସ୍ୱାସ୍ଥ୍ୟର ଶିକାର ହୋଇଥାନ୍ତି । ଗ୍ରାମୀଣ ଭାରତରେ ମହିଳାମାନେ ସାଧାରଣତଃ ନିଜ ନିଜ ପରିବାରର ଖାଦ୍ୟ ରନ୍ଧନ କରିଥାନ୍ତି । ଏବଂ ପରିବାର ସମସ୍ତ ସଦସ୍ୟଙ୍କୁ ପରଷିଥାନ୍ତି । କିନ୍ତୁ ପରିବାରରେ ସମସ୍ତ ସଦସ୍ୟ ଆଦ୍ୟ ଗ୍ରହଣ କଲା ପରେ ବଳକା କମ୍ ମାତ୍ରାର ଖାଦ୍ୟକୁ ଖାଇଥାନ୍ତି । ଫଳରେ ଠିକ୍ ମାତ୍ରାର ତଥା ଗୁଣର ବା ପୋଷଣ ଯୁକ୍ତ ଖାଦ୍ୟ ଖାଇପାରିନଥାନ୍ତି । ସବୁଜ ପନିପରିବା, ଫଳ, କ୍ଷୀର ତଥା କ୍ଷୀରଜାତ ଦ୍ରବ୍ୟ, ଅଣ୍ଡା, ମାଛ ଏବଂ ମାଂସ ଉପଯୁକ୍ତ ମାତ୍ରାରେ ଖାଇବା ପାଇଁ ସାମର୍ଥ୍ୟ ନଥାଏ । ଏପରିକି ଗର୍ଭ ଅବସ୍ଥାରେ ଏବଂ ଛୁଆଙ୍କ ସ୍ତନ୍ୟପାନ କରାଇବା ସମୟରେ ସେମାନେ କଣ ଖାଇବା ଉଚିତ ତା'ର ସଚେତନତା ଜ୍ଞାନ ଅଭାବ ମହିଳାଙ୍କ ପାଖରେ ରହିଛି । ଉତ୍ତମ ସ୍ୱାସ୍ଥ୍ୟ ନ ହେବା ଦ୍ୱାରା ସେମାନଙ୍କର କାର୍ଯ୍ୟ ଦକ୍ଷତା ହ୍ରାସ ହୋଇଥାଏ, ସେଥିପାଇଁ ଉପଯୁକ୍ତ ଉପାୟ ଦ୍ୱାରା ମହିଳାଙ୍କ ସ୍ୱାସ୍ଥ୍ୟର ଏବଂ ଜୀବନ ଜିବୀକାର ସଶକ୍ତି କରଣର ଆବଶ୍ୟକତା ରହିଛି ।

➤ କୃଷି ବିକାଶ ପ୍ରକଳ୍ପ ଯୋଜନା ଏବଂ କାର୍ଯ୍ୟ କରିତାରେ ଯେଉଁ ପରିବାରକୁ ସଂପୃକ୍ତ କରାଯାଇଥାଏ ସେହି ପରିବାରରେ ପୁରୁଷ ମୁଖ୍ୟଙ୍କୁ ଚୟନ କରାଯାଇଥାଏ । ଫଳରେ ପୁରୁଷ ମୁଖ୍ୟତଃ ନିଷ୍ପତ୍ତି ବିଚାର ଏବଂ ସୂଚନା ପାଇବାରେ ସାମିଲ ହୋଇଥାନ୍ତି । ମହିଳାଙ୍କ ବିଶେଷତ୍ୱ ଓ ଆବଶ୍ୟକତାକୁ ବିନା ଅଧିକାର ଏବଂ ଅଣଦେଖା କରାଯାଇଥାଏ ।

ଏହି ସବୁ ଉପରୋକ୍ତ ବିଷୟଗୁଡ଼ିକୁ ଆଖିରେ ରଖି ମହିଳାମାନଙ୍କୁ କୃଷିକ୍ଷେତ୍ରରେ ପ୍ରତିଷ୍ଠିତ କରି ସେମାନଙ୍କୁ ଆତ୍ମନିର୍ଭରଶୀଳ ତଥା ସଶକ୍ତି କରଣ କରିବା ପାଇଁ ଅଷ୍ଟମ ପଞ୍ଚ ବାର୍ଷିକ ଯୋଜନାରେ "କୃଷିରତ ମହିଳା ଅନୁସଂଧାନ କେନ୍ଦ୍ର" ୧୯୯୬ ମସିହା ଭୁବନେଶ୍ୱର ଠାରେ ଗଢି ଉଠିଥିଲା ଯାହା କି ପରେ କେନ୍ଦ୍ରୀୟ କୃଷିରତ ମହିଳା ସଂସ୍ଥାନ ନାମରେ ପ୍ରଶିଦ୍ଧ ଲାଭ କରିଛି । ମହିଳାଙ୍କୁ କୃଷି କ୍ଷେତ୍ରରେ ଆଗେଇନବା ତଥା ପୁରୁଷମାନଙ୍କ ପରି ସମାନ ଅଧିକାର ଦେବା, ଶିକ୍ଷା, ସ୍ୱାସ୍ଥ୍ୟ, ନିଯୁକ୍ତି ଏବଂ ଅର୍ଥନୈତିକ ସଦୃଢତା ଆଣିବା ପାଇଁ ପ୍ରସ୍ୱୋହିତ କରୁଥିବା ଲହି ସଂସ୍ଥା କେବଳ ଭାରତ ନୁହେଁ ସମଗ୍ର ଏସିଆ ମହାଦେଶରେ ପ୍ରଥମ । ଏହି ସଂସ୍ଥା ମୁଖ୍ୟ ଅଭିମୁଖ୍ୟ ହେଲା କୃଷିରେ ଲିଙ୍ଗ ଭିତ୍ତିକ ଭେଦଭାବକୁ ବିଷୟ ଚିହ୍ନଟ କରି ପ୍ରପ୍ତ କ୍ଷେତ୍ର ବୈଶୟିକ ଜ୍ଞାନ, କାର୍ଯ୍ୟକ୍ରମ ଓ ନିତୀର ଉଚିତ ପରୀକ୍ଷା କରିବା ଯେପରିକି ଉଭୟ ପୁରୁଷ ଓ ମହିଳା ମୁଖ୍ୟ ସ୍ରୋତରେ ସମାନ ରହିପାରିବେ । କୃଷି ମହିଳାଙ୍କ ଆବଶ୍ୟକତାକୁ ସାମନାରେରଖି ସେମାନଙ୍କର ସଶଶକ୍ତିକରଣ ପାଇଁ ବୈଜ୍ଞାନିକ, ଯୋଜନାକାରୀ ଓ ନୀତି ନିର୍ମାଣକାରୀ ମାନଙ୍କର କାର୍ଯ୍ୟଦକ୍ଷତା ବଢିପାରିବ । ଏହି କେନ୍ଦ୍ରୀୟ କୃଷିରତ ମହିଳା ସଂସ୍ଥାନ ଏହାର ବିଭିନ୍ନ ପ୍ରକଳ୍ପ ମାଧ୍ୟମରେ ଗ୍ରାମିଣ ମହିଳାଙ୍କୁ କୃଷିର ମୁଖ୍ୟସ୍ରୋତକୁ ଆଣି ଆବଶ୍ୟକ ଜ୍ଞାନ କୌଶଳ ତାଲିମ୍ କ୍ଷେତ୍ର ପ୍ରଦର୍ଶନ । କୃଷି ପତ୍ରିକା ମଧ୍ୟମରେ ସଶକ୍ତିକରଣ ପକ୍ରିୟାକୁ ସାମିଲ କରୁଛନ୍ତି । କୃଷିର ବିଭିନ୍ନ ବିଷୟ ବସ୍ତୁ ଉପରେ ବୈଶୟିକ ଜ୍ଞାନ କୌଶଳ ଓ ଦକ୍ଷତା ବୃଦ୍ଧି କରାଇ କୃଷି, ପଶୁପାଳନ, ଛତୁଚାଷ, ମାଛଚାଷ, ଉଦ୍ୟାନ ଚାଷ ଆଦି କାର୍ଯ୍ୟରେ ବିନିଯୋଗ କରୁଛନ୍ତି । ଗ୍ରାମାଞ୍ଚଳ ସ୍ୱୟଂ ସହାୟକ ମହିଳା ଗୋଷ୍ଠୀ ମୁଖ୍ୟତଃ କୃଷି, ପଶୁପାଳନ, ମତ୍ସ୍ୟ, ପନିପରିବା ଚାଷ, ଫୁଲଚାଷ, ଛତୁଚାଷ, ଖାଦ୍ୟ ପ୍ରକ୍ରିୟା କରଣ ଗୁଣ୍ଡ ମସଲା ପ୍ରସ୍ତୁତି, ଉଷୁନା ଚାଉଳ ଉତ୍ପାଦନ, ଘର ସଜ୍ଜା ସାମଗ୍ରୀ ପ୍ରସ୍ତୁତି, ମହମବତି, ଫିନାଇଲ୍ ପ୍ରସ୍ତୁତି, କତା କାର୍ଯ୍ୟ ଆଦି ପ୍ରସ୍ତୁତିରେ ବୈଜ୍ଞାନିକ ଜ୍ଞାନ କୌଶଳ ପ୍ରଦାନ କରି ଏହି ସଂସ୍ଥା ବେସ ସୁନାମ ଅର୍ଜନ କରିପାରିଛି । ସ୍ୱୟଂ ସହାୟକ ଗୋଷ୍ଠି, ବିଭିନ୍ନ ସରକାରୀ, ବେସକାରୀ ସଂସ୍ଥା ଯେମିତି ଜାତୀୟ କୃଷି ଏବଂ ଗ୍ରାମ୍ୟ ଉନ୍ନୟନ ବ୍ୟାଙ୍କ, ମିଶନ ଶକ୍ତି, ପଞ୍ଚାୟତରାଜ, କୃଷି ଓ ପଶୁପାଳନ, ମତ୍ସ୍ୟ, ବ୍ୟାଙ୍କ, ସମବାୟ ସଂସ୍ଥା ଓ ଭାରତ ସରକାରଙ୍କ ବିଭିନ୍ନ ପ୍ରକଳ୍ପ ଆଦିର ସହାୟତା ନେଇ ମହାଇକ୍ରୋଫାଇନସ୍ ବା କ୍ଷୁଦ୍ର ଋଣ ପାଇବାରେ, ସୂଚନା ପାଇବାରେ, ଜିନିଷ ପତ୍ର ନେବା ଆଣିବା, ବିକ୍ରିବଟା, ଲୋନ ରିହାତି ବ୍ୟବସ୍ଥା କରିବାରେ ଓ ସରକାରୀ କାର୍ଯ୍ୟରେ ନିଜକୁ ନିୟୋଜିତ କରି ଅର୍ଥ ଉପାର୍ଜନ କରିବାରେ ମହିଳା ମଧ୍ୟରେ ସଚେତନତା ଏହି ସଂସ୍ଥା କରୁଅଛି ।

ଏକ ରାଷ୍ଟ୍ରର ସର୍ବୋନ୍ନତି, ଏହାର ସକ୍ଷମ ଓ ସମ୍ପନ୍ନ ଅଧିବାସୀଙ୍କୁ ନେଇ ସମ୍ଭବ । ମହିଳା ସଶକ୍ତିକରଣ ପାଇଁ ବିଗତ ଦିନ ମାନଙ୍କରେ ଅନେକ ଯୋଜନା ପ୍ରଣୟନ ହୋଇ ଥିଲେ ସୁଦ୍ଧା ଏହା ସଂପୂର୍ଣ୍ଣ ଫଳବତି ହୋଇ ପାରିନାହିଁ । ତେଣୁ ଦେଶର ବିକାଶ ଧାରରେ ଉଭୟ ମହିଳା ଓ ପୁରୁଷଙ୍କ ସକ୍ରିୟ ଯୋଗଦାନ ଦେଲେ ଯାଇ ଏହା ସମ୍ଭବ ହୋଇପାରିବ । ମହିଳାଙ୍କର ଜୀବନ ଜୀବିକାରେ ଏକ ସାକାରତ୍ମକ ପରିବର୍ତ୍ତନର ଆବଶ୍ୟକତା ରହିଛି । ଜୀବନ ଜୀବିକା ସୁଯୋଗ ତଥା ରୋଜଗାର ସୃଷ୍ଟି କାର୍ଯ୍ୟ ଆଦିକୁ ଚିହ୍ନଟ କରି ସେମାନଙ୍କ ସାମାଜିକ ସାଂସ୍କୃତିକ ପରିବେଷ୍ଟିନ୍ ମଧ୍ୟରେ ସୁବିଧା ଆଦି ସୃଷ୍ଟିକରେଇବା ଉଚିତ ପୁରୁଣା ଜୀବନ ଜୀବିକା ଶୈଳିରେ ପରିବର୍ତ୍ତନ ଆଣ ନୂତନ ଜ୍ଞାନ କୌଶଳରେ ସେମାନଙ୍କର ଦକ୍ଷତାକୁ ସୁଦୃଢ଼ କରିବା ଦ୍ୱାରା ଅଧିକ ଫଳପ୍ରଦ ହୋଇପାରିବ । ମହିଳାଙ୍କ ମନୋଭାବ, ଇଛାଶକ୍ତି ଏବଂ ବ୍ୟବହାର ପରିବର୍ତ୍ତନ ଦ୍ୱାରା ମହିଳାମାନେ ନିଷ୍ପତି ନେବା କ୍ଷେତ୍ରରେ ସଶକ୍ତିକରଣ ହୋଇପାରିବେ । ରୋଜଗାର ଉତ୍ପନ୍ନ କରୁଥିବା ସୁବିଧା ସୁଯୋଗ, ଦକ୍ଷତା ବୃଦ୍ଧି, କୃଷି ଯାନ୍ତ୍ରିକରଣ ସହୋଯୋଗ ଆଦି ସୁବିଧା କରିବା ଉଚିତ । ସାମାଜିକ କାର୍ଯ୍ୟ କଳାପ ଏବଂ କମ୍ୟୁନିଟ୍ ସହଭାଗୀ ଦ୍ୱାରା ସୂଚନା ଶିକ୍ଷଣ ଏବଂ ଅତ୍ୟନ୍ତ ଦରକାରୀ ଜିନିଷପତ୍ର ଆଦି ମହିଳାଙ୍କ ମଧ୍ୟରେ ବଣ୍ଟନ ଦ୍ୱାରା ମହିଳା ସଶକ୍ତିକରଣ ହୋଇପାରିବ । ବାହ୍ୟବାଧା ସ୍ୱତ୍ତେ ମହିଳାଙ୍କ ଭୂମିର ପ୍ରକୃତ ଆବଶ୍ୟକତାକୁ ଅନୁଭବ କରେଇବା ଏକ ସଫଳତମ ପ୍ରଚେଷ୍ଟା ହେବ । ଜମି ମାଲିକନା ଋଣ ଉପଲବଧତା, ସୂଚନା ପ୍ରଦାନ ଏବଂ ବଜାର ସହଯୋଗ ଦ୍ୱାରା ମହିଳାଙ୍କ ଉତ୍ପାଦକତା ବୃଦ୍ଧି ଏବଂ ଜୀବନ ଜିବିକା ସୁରକ୍ଷା ଦ୍ୱାରା ମହିଳାମାନେ ସାମାଜିକ ଏବଂ ଆର୍ଥିକ ସଶକ୍ତି କରଣର ଲମ୍ୱା ରାସ୍ତାକୁ ସୁନିଶ୍ଚିତ କରିପାରିବେ ।

ବି.ସି. ବେହେରା, ସବିତା ମିଶ୍ର, ଜେ.ସି.ଜିଭା,
ଅନନ୍ତ ସରକାର ଏବଂ ସୁବ୍ରତ ଦାସ
କେନ୍ଦ୍ରୀୟ କୃଷିରତ ମହିଳା ସଂସ୍ଥାନ
ଭୁବନେଶ୍ୱର
ମୋ: ୮୯୦୮୭୦୦୭୦୩